# Inaugural launch of online Pre-departure Orientation Training Programme

April 07, 2021

## ଅନଲାଇନ୍ ପ୍ରାକ-ପ୍ରସ୍ଥାନ ଓରିଏଣ୍ଟେସନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ଏପ୍ରିଲ 07, 2021

ପ୍ରାକ-ପ୍ରସ୍ଥାନ ଓରିଏଣ୍ଟେସନ୍ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ତାଲିମକୁ ଅଧିକ ଫଳପ୍ରଦ କରିବା ପାଇଁ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ପ୍ରଥମ ଅନଲାଇନ୍ ପ୍ରାକ-ପ୍ରସ୍ଥାନ ଓରିଏଣ୍ଟେସନ୍ ପ୍ରଶିକ୍ଷଣ (ପିଡିଓଟି) କାର୍ଯ୍ୟକ୍ରମ ଆଜି ଆରମ୍ଭ କରାଯାଇଛି। କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଏବଂ ପ୍ରଯୁକ୍ତିବିଦ୍ୟାର ଲାଭ ଉଠାଇବା ପାଇଁ ବୈଦେଶିକ ମନ୍ତ୍ରଣାଳୟ ପ୍ରୋଟେକ୍ଟର ଅଫ୍ ଏମିଗ୍ରାଣ୍ଟସ୍ (ପିଓଇ) ମୁମ୍ବାଇ ଏବଂ ଅନ୍ୟାନ୍ୟ ପିଓଇ ସହିତ ମିଳିତ ଭାବରେ ଏହି ପଦକ୍ଷେପ ନେଇଛି। କୋଭିଡ କଟକଣା କୋହଳ ହେବା ପରେ ମଧ୍ୟ ଅନ୍‌ଲାଇନ୍ ପିଡିଓଟି ଆଶାୟୀ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଜାରି ରହିବ। ଯେଉଁ ପ୍ରବାସୀ ଶ୍ରମିକମାନେ ବ୍ୟକ୍ତିଗତ ଭାବରେ ପ୍ରଶିକ୍ଷଣ କେନ୍ଦ୍ରରେ ଯୋଗଦେବା ସ୍ଥିତିରେ ନାହାଁନ୍ତି ସେମାନଙ୍କ ପାଇଁ ଏହି ଅନ୍‌ଲାଇନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ।

ସିପିଭି ଏବଂ ଓଆଇଏ ବିଭିଗର ସଚିବ ଶ୍ରୀ ସଞ୍ଜୟ ଭଟ୍ଟାଚାର୍ଯ୍ୟ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ନିରାପଦ ତଥା ଆଇନଗତ ପ୍ରବାସନ ସୁନିଶ୍ଚିତ କରିବା ପାଇଁ ପିଡିଓ ତାଲିମର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ଆଶାୟୀ ପ୍ରବାସୀ ଶ୍ରମିକମାନେ ବ୍ୟକ୍ତିଗତ କିମ୍ବା ଅନଲାଇନ୍ ଉପାୟରେ ଅଂଶଗ୍ରହଣ କରିବାକୁ ଚୟନ କରିପାରିବେ, ବିଶେଷକରି ଯେଉଁମାନଙ୍କୁ ପିଡିଓଟି କେନ୍ଦ୍ରକୁ ଯିବା ପାଇଁ ଦୂର ରାସ୍ତା ଅତିକ୍ରମ କରିବାକୁ ପଡୁଛି। ସେ କହିଛନ୍ତିଯେ ପିଡିଓ ତାଲିମ ପ୍ରବାସୀ ଶ୍ରମିକମାନଙ୍କୁ ସେମାନଙ୍କ ସୁରକ୍ଷା ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସେମାନେ ଗସ୍ତ କରୁଥିବା ଦେଶର ସଂସ୍କୃତି, ଭାଷା ଏବଂ ନିୟମାବଳୀ ବିଷୟରେ ଜାଣିବାରେ ସାହାଯ୍ୟ କରିବ। ଆହୁରି ମଧ୍ୟ ଏହି କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ନିଆଯାଇଥିବା କଲ୍ୟାଣମୂଳକ ପଦକ୍ଷେପ ଯଥା ଭାରତୀୟ ସମୁଦାୟ କଲ୍ୟାଣ ପାଣ୍ଠି (ଆଇସିଡବ୍ଲ୍ୟୁଏଫ୍), ପ୍ରବାସୀ ଭାରତୀୟ ବିମା ଯୋଜନା (ପିବିବିୱାଇ), ଇମାଇଗ୍ରେଟ୍ ପୋର୍ଟାଲ୍, ମଦଦ ପୋର୍ଟାଲ୍, ପ୍ରବାସୀ ଭାରତୀୟ ସହାୟତା କେନ୍ଦ୍ର (ପିବିଏସକେ) ଏବଂ 24x7 ଭାରତୀୟ ଦୂତାବାସ ଏବଂ କନସୁଲେଟର ହେଲ୍ପଲାଇନ ବିଷୟରେ ଜାଣିବା ପାଇଁ ସୁଯୋଗ ପ୍ରଦାନ କରେ।

ସମସ୍ତ ପିଓଇ, ଏନଏସଡିସି, ରାଜ୍ୟ ସରକାର, ନିଯୁକ୍ତି ଦେଉଥିବା ଏଜେଣ୍ଟ (ଆରଏ) ଏବଂ ପିଡିଓଟି କେନ୍ଦ୍ର ଏହି ପଦକ୍ଷେପକୁ ଆଗକୁ ବଢାଇବାକୁ ପ୍ରସ୍ତୁତ ଯାହା ଦ୍ୱାରା ସର୍ବାଧିକ ସଂଖ୍ୟକ ଆଶାୟୀ ପ୍ରବାସୀ ଶ୍ରମିକମାନେ ପ୍ରସ୍ଥାନ କରିବା ପୂର୍ବରୁ ତାଲିମ ପାଇବେ। ପିଓଇ ମୁମ୍ବାଇ ଦ୍ୱାରା ଆୟୋଜିତ ହାଇବ୍ରିଡ୍ ମଡ୍ୟୁଲରେ ଉଭୟ ବ୍ୟକ୍ତିଗତ ତଥା ଅନଲାଇନ୍ ଉପାୟରେ ଆଶାୟୀ ପ୍ରବାସୀ ଶ୍ରମିକମାନେ ତଥା ପ୍ରବାସନ ପ୍ରକ୍ରିୟା ସହିତ ଜଡିତ ସମସ୍ତ ହିତାଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରଣାଳୟ ବିଶ୍ୱାସ କରେ ଯେ ଏହି ପଦକ୍ଷେପ ଆଶାୟୀ ପ୍ରବାସୀମାନଙ୍କୁ ଉତ୍ତମ କୌଶଳ ପ୍ରଦାନ କରିବ ଏବଂ ସେମାନେ ବିଦେଶ ଗମନ କରିବା ସମୟରେ ସେମାନଙ୍କୁ ଅଧିକ ସଶକ୍ତ କରିବ।

**ନୂଆଦିଲ୍ଲୀ**
**ଏପ୍ରିଲ 07, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.